# ଓଡ଼ିଆ ପ୍ରବନ୍ଧ ସଂକଳନ 'ଭୂତି ଭକ୍ତି ବିଭୂତି' ପାଇଁ ପୁରସ୍କାର ପାଇବେ ପ୍ରଫେସର ବୈଷ୍ଣବ ଚରଣ ସାମଲ

# ମହେଶ୍ୱର ସୋରେନ ପାଇବେ ସାନ୍ତାଳୀ ଭାଷାର ପୁରସ୍କାର



ବାଲେଶ୍ୱର, ୧୮/୧୨ (ଆ.ପ୍ର) : ୨୦୨୪ ବର୍ଷର ସାହିତ୍ୟ ଏକାଡେମୀ ପୁରସ୍କାର ଘୋଷିତ ହୋଇଛି । ୨୧ଟି ଭାଷାରେ ଆଠଟି କବିତା ପୁସ୍ତକ, ତିନିଟି ଉପନ୍ୟାସ, ଦୁଇଟି କ୍ଷୁଦ୍ରଗଳ୍ପ ସଂକଳନ, ତିନିଟି ପ୍ରବନ୍ଧ ସଂକଳନ, ତିନିଟି ସମାଲୋଚନା ପୁସ୍ତକ ଏବଂ ଗୋଟିଏ ଲେଖାଏଁ ନାଟକ ଓ ଗବେଷଣାତ୍ମକ ପୁସ୍ତକ ପାଇଁ ଏଥର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରଦାନ କରାଯିବ । ଏଥର ଓଡ଼ିଆ ଭାଷାରେ ପ୍ରବନ୍ଧ ସଂକଳନ 'ଭୂତି ଭକ୍ତି ବିଭୂତି' ପାଇଁ ପୁରସ୍କାର ପାଇବେ ପ୍ରଫେସର ବୈଷ୍ଣବ ଚରଣ ସାମଲ । ୧୯୩୯ ମସିହାରେ କେନ୍ଦ୍ରାପଡ଼ା ଜିଲ୍ଲାରେ ପ୍ରଫେସର ସାମଲଙ୍କ ଜନ୍ମ । ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ବିଶ୍ୱଭାରତୀ, ଶାନ୍ତିନିକେତନ ଆଦି ଶିକ୍ଷାନୁଷ୍ଠାନରେ ପ୍ରଫେସର ଭାବେ କାର୍ଯ୍ୟକରି ୨୦୦୪ ମସିହାରେ ସେ ଅବସର ଗ୍ରହଣ କରିଛନ୍ତି । ଉଚ୍ଚ ମୂଲ୍ୟବୋଧଭିତ୍ତିକ ପ୍ରବନ୍ଧ ଏବଂ ସମାଲୋଚନା ରଚନା କରି ସେ ଖ୍ୟାତି ଅର୍ଜନ କରିଛନ୍ତି । 'ଓଡ଼ିଆ ସାହିତ୍ୟର ଇତିହାସ', 'ଓଡ଼ିଆ ଗଳ୍ପର ଇତିବୃତ୍ତ', 'ଓଡ଼ିଆ ଗଳ୍ପ : ଉନ୍ମେଷ ଓ ଉତରଣ', 'ସମୀକ୍ଷାଲୋକ', 'ସମାଲୋଚନା: ସ୍ୱର ଓ ସ୍ୱାକ୍ଷର' ଆଦି ପୁସ୍ତକ ରଚନା ସହିତ ସେ ଅନେକ ଦୁଷ୍ପ୍ରାପ୍ୟ ଗ୍ରନ୍ଥ ସଂପାଦନା କରିଛନ୍ତି । ତାଙ୍କର ୧୬୦ ଖଣ୍ଡ ପୁସ୍ତକ ପ୍ରକାଶିତ । ଜଣେ ବଣା ଡାକୋଇର କାହାଣୀ ହେଉଛି ତାଙ୍କର ଆତ୍ମଜୀବନୀ ପୁସ୍ତକ । ଏହା ପୂର୍ବରୁ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ସମେତ ବହୁ ପୁରସ୍କାର ଓ ସମ୍ମାନ ଲାଭ କରିଛନ୍ତି । ସାହିତ୍ୟ ଏକାଡେମୀର ସଭାପତି ମାଧବ କୌଶିକଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀରେ ଆୟୋଜିତ କାର୍ଯ୍ୟକାରିଣୀ ବୈଠକରେ ପୁରସ୍କାର ଘୋଷଣା କରାଯାଇଥିଲା । ପ୍ରତ୍ୟେକ ଭାଷା ପାଇଁ ଗଠିତ ବିଚାରକ ମଣ୍ଡଳୀର ନିଷ୍ପତ୍ତି ଅନୁସାରେ ଏହା ଚୂଡ଼ାନ୍ତ ହୋଇଥିଲା । ୨୦୨୪ ମସିହାର ପୁରସ୍କାର ପାଇଁ ୨୦୧୮ରୁ ୨୦୨୨ ମଧ୍ୟରେ ପ୍ରକାଶିତ ପୁସ୍ତକଗୁଡ଼ିକୁ ବିଚାରକୁ ନିଆଯାଇଥିଲା । ଏଥର ଓଡ଼ିଆ ଭାଷାର ପୁରସ୍କାର ପାଇଁ ବିଚାରକ ମଣ୍ଡଳୀରେ ଥିଲେ ତିନି ବରିଷ୍ଠ ସାହିତ୍ୟିକ ଶାନ୍ତନୁ କୁମାର ଆଚାର୍ଯ୍ୟ, ଦେବଦାସ ଛୋଟରାୟ ଏବଂ ପାରମିତା ଶତପଥୀ । ଆଜିର ପୁରସ୍କାର ଘୋଷଣା ସମୟରେ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ଗୌରହରି ଦାସ ଉପସ୍ଥିତ ଥିଲେ । ପୁରସ୍କାର ଘୋଷଣା ପରେ ପ୍ରଫେସର ସାମଲଙ୍କୁ ବହୁ ଲେଖକ ଲେଖିକା ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ସେହିପରି ନାଟ୍ୟ ପୁସ୍ତକ 'ସେଚେଦ ସାଓନ୍ତା ରେନ ଅନ୍ଧା ମାନମି' ପାଇଁ ଓଡ଼ିଶାର ମହେଶ୍ୱର ସୋରେନ ସାନ୍ତାଳୀ ଭାଷାର ପୁରସ୍କାର ଲାଭ କରିବେ । ସାହିତ୍ୟ ଏକାଡେମୀ ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ଅନ୍ୟ ଭାଷାର ଲେଖକ ହେଉଛନ୍ତି ସମୀର ତନ୍ତୀ (ଅସମୀୟା), ଅରନ ରାଜା (ବୋଡ଼ୋ), ଇ. କିରେ (ଇଂରାଜୀ), ଦିଲୀପ ଝାଭେରୀ (ଗୁଜୁରାଟୀ), ଗଗନ ଗିଲ (ହିନ୍ଦୀ), କେ. ଭି. ନାରାୟଣ (କନ୍ନଡ଼), ସୋହନ କାଉଲ (କାଶ୍ମିରୀ), ମୁକେଶ ଥାଲି (କୋଙ୍କଣୀ), ମହେନ୍ଦ୍ର ମଲଙ୍ଗିଆ (ମୈଥିଳି), କେ. ଜୟକୁମାର (ମାଲୟାଲମ), ହାଓବାମ ସତ୍ୟବତୀ ଦେବୀ (ମଣିପୁରୀ), ସୁଧୀର ରସାଲ (ମରାଠୀ), ଯୁବା ବରାଲ (ନେପାଳୀ), ପାଲ କୌର (ପଞ୍ଜାବୀ), ମୁକୁଟ ମଣିରାଜ (ରାଜସ୍ଥାନୀ), ଦୀପକ କୁମାର ଶର୍ମା (ସଂସ୍କୃତ), ହୁନ୍ଦରାଜ ବଲୱାନୀ (ସିନ୍ଧି), ଏ.ଆର. ଭେଙ୍କଟଚଲପତି ଏବଂ ପେନୁଗୋଣ୍ଡା ଲକ୍ଷ୍ମୀନାରାୟଣ (ତେଲୁଗୁ) । ବଙ୍ଗଳା, ଡୋଗ୍ରୀ ଏବଂ ଉର୍ଦ୍ଦୁ ଭାଷାର ପୁରସ୍କାର ପରବର୍ତ୍ତୀ ସମୟରେ ଘୋଷଣା କରାଯିବ ବୋଲି ସୂଚନା ଦିଆଯାଇଛି । ପ୍ରତ୍ୟେକ ପୁରସ୍କାର ପ୍ରାପକଙ୍କୁ ପୁରସ୍କାର ସ୍ୱରୂପ ତାମ୍ରଫଳକ ସହିତ ଏକ ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯିବ । ୮ ମାର୍ଚ୍ଚ ୨୦୨୫ରେ ନୂଆଦିଲ୍ଲୀରେ ହେବାକୁ ଥିବା ଏକ ସ୍ୱତନ୍ତ୍ର ଉତ୍ସବରେ ପୁରସ୍କାର ପ୍ରଦାନ କରାଯିବ ବୋଲି ସାହିତ୍ୟ ଏକାଡେମୀର ସଚିବ କେ. ଶ୍ରୀନିବାସରାଓ ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି ।